## ୩୧ ହିତାଧିକାରୀଙ୍କୁ ସହାୟତା

ବସ୍ତା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ବ୍ଲକର ୩୧ଟି ପଞ୍ଚାୟତରେ ୩୧ ଜଣ ହିତାଧିକାରୀଙ୍କୁ ବ୍ରଏଲର କୁକୁଡ଼ା ଫାର୍ମ କରିବାକୁ ବ୍ଲକ ଅଧକ୍ଷ ଅଞ୍ଜଳି ଦାସ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ୭୨ହଜାର ଟଙ୍କା ମଧ୍ୟରୁ ହିତାଧିକାରୀମାନେ ୨୮ହଜାର ୮୦୦ଟଙ୍କା ଖର୍ଚ୍ଚ କରି ଘର କରିବେ ଏବଂ ୪୩ହଜାର ୨୦୦ଟଙ୍କାର ୫୦୦ କୁକୁଡା ଛୁଆ ପାଇବେ। ଏ ସମସ୍ତ କାର୍ଯ୍ୟ ପ୍ରଥମେ ହାତରୁ ଖର୍ଚ୍ଚ କରିବା ପରେ ସରକାର ଅର୍ଥ ଯୋଗାଇଦେବେ।

## ସଂକ୍ଷେପରେ

### ୨୭ କ୍ରୋମାଇଟ୍ ବୋଝେଇ ଗାଡ଼ି ଜବତ

ଆନନ୍ଦପୁର,୯।୧୧(ସ୍ୱ.ପ୍ର.)-କେନ୍ଦୁଝର ଆନନ୍ଦପୁର ପୋଲିସ ୨୭ କ୍ରୋମାଇଟ୍ ବୋଝେଇ ଟ୍ରକ୍ ଜବତ କରିଛି। ଗାଡ଼ି ଗୁଡିକ ମଙ୍ଗଳବାର ବିଳମ୍ବିତ ରାତିରେ କାଳିଆପାଣି ଅଞ୍ଚଳରୁ କ୍ରୋମାଇଟ୍ ନେଇ ସୋସୋ ସ୍ଥିତ ମହାରାଜା ମିନେରାଲସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଯାଉଥିଲା। ଆନନ୍ଦପୁର କଲେଜ ଛକ ନିକଟରେ ସ୍ଥାନୀୟ ଲୋକେ ସନ୍ଦେହ କରି ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ଗାଡ଼ିରେ ଥିବା ପରମିଟ୍‌ରେ ସୋସୋ ଭାୟା ଟମକା, ଡୁବୁରୀ, ଯାଜପୁର ରୋଡ୍ ଦର୍ଶାଯାଇଛି। ତେବେ ଆନନ୍ଦପୁର ଦେଇ କ୍ରୋମାଇଟ୍ ଚାଲାଣ ହେବା ସମ୍ପର୍କରେ ସେଭଳି କିଛି ସ୍ପଷ୍ଟ ତଥ୍ୟ ହସ୍ତଗତ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଡେପୁଟି ଡାଇରେକ୍ଟର ଅଫ ମାଇନିଂ(ଡିଡିଏମ) କେନ୍ଦୁଝର ଏବଂ ଆରଟିଓଙ୍କୁ ସୂଚନା ଦେଇଛୁ। କାଗଜପତ୍ର ଯାଞ୍ଚ କରି ରିପୋର୍ଟ ହସ୍ତଗତ ହେଲେ ଗାଡ଼ି ଗୁଡ଼ିକୁ ରିଲିଜ୍ କରାଯିବ ବୋଲି ଆନନ୍ଦପୁର ଥାନା ଅଧିକାରୀ ସୁଶାନ୍ତ ଦାଶ କହିଛନ୍ତି।

### ସ୍କୁଲ ପରିବେଶ ଦେଖି କେନ୍ଦ୍ରମନ୍ତ୍ରୀ ଖପ୍ପା

ବଡ଼ସାହି,୯।୧୧: କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବୁଧବାର ମୟୂରଭଞ୍ଜ ଜିଲା ବଡ଼ସାହି ଗସ୍ତରେ ଆସି ଦେଉଳିଆ ପଞ୍ଚାୟତର ପୁରୁଣାପାଣି ଆବାସିକ ପ୍ରାଇମେରୀ ସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶକୁ ଦେଖି ସେ ବିରକ୍ତି ପ୍ରକାଶ କରିଥିଲେ। ସେହି ଗ୍ରାମର ଜଣେ ମହିଳା ମନ୍ତ୍ରୀଙ୍କ ନିକଟକୁ ଆସି ଗ୍ରାମର ପାଣି ସମସ୍ୟା ବିଷୟରେ ଅଭିଯୋଗ କରିବା ସମୟରେ ମନ୍ତ୍ରୀ ତାଙ୍କ ଉପରେ ହଠାତ୍ ରାଗି ଯାଇଥିଲେ। ମନ୍ତ୍ରୀ ସେଠାରୁ ଫେରି ଆସିବା ପରେ ଏନେଇ ଉକ୍ତ ଗ୍ରାମର ଆଦିବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଦେଉଳିଆ ହାଇସ୍କୁଲର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ। ତାଙ୍କ ସହିତ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଟୁଡୁ ବଇଁଚା ଗ୍ରାମସ୍ଥିତ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପାର ବରିଷ୍ଠ ନେତା ଅଭୟ ମହାପାତ୍ର ପରିଚାଳନା କରିଥିଲେ।

### ଅଷ୍ଟମ ଶ୍ରେଣୀ ଛାତ୍ର ନିଖୋଜ

ନୀଳଗିରି, ୯।୧୧(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପ୍ରତାପଡ଼ା ଗ୍ରାମରୁ ଜଣେ ୧୩ ବର୍ଷୀୟ ନାବାଳକ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ନୀଳଗିରି ପୋଲିସ ପକ୍ଷରୁ ଖୋଜାଖୋଜି ଆରମ୍ଭ ହୋଇଛି। ଗତ ମଙ୍ଗଳବାର ପୂର୍ବାହ୍ନରେ ପ୍ରତାପଡ଼ା ଗ୍ରାମର ଅଷ୍ଟମ ଶ୍ରେଣୀରେ ପଢୁଥିବା ସୋମନାଥ ଗିରିଙ୍କ ବଡ଼ ପୁଅ ଗୋପାଳ ରାହାସ ପୂର୍ଣ୍ଣିମା ଦିନରେ ଗାଁ ଆଡ଼କୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ସମସ୍ତ ବନ୍ଧୁବାନ୍ଧବ ଓ ତାଙ୍କ ସାଙ୍ଗସାଥୀଙ୍କ ଘରେ ବହୁତ ଖୋଜାଖୋଜି କରିଥିଲେ ମଧ ଗୋପାଳଙ୍କର କୌଣସି ସନ୍ଧାନ ମିଳି ନ ଥିଲେ। ନିରାଶ ହୋଇ ବୁଧବାର ପୂର୍ବାହ୍ନରେ ପୁଅ କେଉଁଆଡ଼େ ନିଖୋଜ ହୋଇଯାଇଥିବାର ବାପା ସୋମନାଥ ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ୨ ଦିନ ପୂର୍ବରୁ ଗୋପାଳ ଟ୍ୟୁଶନ ନ ଯିବାରୁ ତାଙ୍କ ବାପା ଆକଟ କରିଥିବା ଜଣାପଡିଛି।

# ପାରିପାର୍ଶ୍ୱିକ ବିକାଶକୁ ଗୁରୁତ୍ୱ

କେନ୍ଦୁଝର,୯।୧୧(ସ୍ୱ.ପ୍ର.)



ଅଧିକାରୀଙ୍କ ସହ ସ୍ଥାନୀୟ ବାସିନ୍ଦା।

କେନ୍ଦୁଝର ଜିଲା ବାଂଶପାଳ ତହସିଲ ଅନ୍ତର୍ଗତ ତଳକଇଁସାରୀ ପଞ୍ଚାୟତ ଅନ୍ତର୍ଗତ ଜଳଡ଼ିହି ଗ୍ରାମରେ ଆମ୍ବଡ଼ହରା ପଥର ଖଣି ପାଇଁ ଜନଶୁଣାଣି ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ୬ ହେକ୍ଟର ପରିମିତ ଅଞ୍ଚଳରେ ବାର୍ଷିକ ୪୨ହଜାର ଘନ ମିଟର ଖନନ ନିମନ୍ତେ ଶୁଣାଣି ହୋଇଥିବା ବେଳେ ପାରିପାର୍ଶ୍ୱିକ ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଆନୁକୂଲ୍ୟରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ଅଧକ୍ଷତା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଏହି ଖଣି ରାଜସ୍ୱ ବିଭାଗ ଅଧୀନରେ ରହିବ। ଲିଜ୍ ଅବଧି ଶେଷ ପରେ ଖାଦାନକୁ ପୁନଃ ନିଲାମ ନ କରାଯାଇ କେନ୍ଦୁଝରରେ ହେଉଥିବା ବିଭିନ୍ନ ବଡ଼ ବଡ଼ ପ୍ରକଳ୍ପ ପାଇଁ ବାଂଶପାଳ ତହସିଲଦାରଙ୍କ ନାମରେ ସଂରକ୍ଷିତ ରଖାଯାଇ ଲିଜ୍ ଦିଆଯାଇଥିଲା। ପରିବେଶ ମଞ୍ଜୁରୀ ନିମନ୍ତେ ସର୍ବସାଧାରଣ ଜନଶୁଣାଣିରେ ୬୬ ଜଣ ପ୍ରଭାବିତ ଲୋକ ପଥର ଖଣି ସପକ୍ଷରେ ନିଜର ମତ ସାବ୍ୟସ୍ତ କରିଥିବା ବେଳେ ୨ ଜଣ ଲିଖିତ

**ଆମ୍ବଡ଼ହରା ପଥର ଖଣି ନିମନ୍ତେ ଜନଶୁଣାଣି**

ଭାବେ ଜଣାଇଥିବା ଇଂ କର ସୂଚନା ଦେଇଛନ୍ତି। ବାଂଶପାଳ ତହସିଲଦାର ସପନ ସାହୁ ପ୍ରକଳ୍ପର ପ୍ରୋଜେକ୍ଟ ରିପୋର୍ଟ ଉପସ୍ଥାପନା କରିଥିଲେ। ଏଥିରେ ତଳକଇଁସାରୀ, ଜଳଡ଼ିହି, ଆମ୍ବଡ଼ହରା, ପଦାସାହି, ଇଚିଣ୍ଡା ଗ୍ରାମର ଲୋକମାନେ ନିଜ ମତ ସାବ୍ୟସ୍ତ କରିଥିଲେ। ଖଣି ଖନନ ସମୟରେ ରାସ୍ତାଘାଟରେ ଜଳସିଞ୍ଚନ, ମରାମତି, ବୃକ୍ଷରୋପଣ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଡ୍ରିଲିଂ ଏବଂ ବ୍ଲାଷ୍ଟିଂ ସମୟରେ ନିରାପତା ପ୍ରତି ଦୃଷ୍ଟି ଦେବାକୁ ଦାବି ରଖିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୃତୟନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

ଭଦ୍ରକ ଅଫିସ,୯।୧୧

ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଦ୍ରକରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ମାଧମରେ ପ୍ରଦାନ କରାଯାଇଛି। ଭଦ୍ରକବାସୀଙ୍କ ବହୁଦିନର ନ୍ୟାର୍ଯ୍ୟ ଦାବିକୁ ସରକାର ଉପେକ୍ଷା କରିଥିବାରୁ କ୍ରିୟାନୁଷ୍ଠାନ କମିଟି ତୀବ୍ର ଉଦ୍‌ବେଗ ପ୍ରକଟ କରିଛି। ତୁରନ୍ତ ଏ ସଂକ୍ରାନ୍ତରେ ବିଚାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ଡ.ରାଧାରାଣୀ ମହାପାତ୍ର, ଅମର ପାଣିଗ୍ରାହୀ, ବୈଲୋଚନ ବେହୁରିଆ, ଆଦିତ୍ୟ କୁମାର ନାୟକ, ବାଦଲ କିଶୋର ମହାପାତ୍ର, ପାରିଷଦ ଫରିଆଜ ଖାଁ, ଜାହିର ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଉତ୍କଳ ରଞ୍ଜନ ରାଜ୍ୟ ଚାମ୍ପିୟନ

**ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା**

ବାଲେଶ୍ୱର ଅଫିସ, ୯।୧୧

ବାଲେଶ୍ୱର ସହର ତାମୁଲିଆ ଗେଟ୍ ନିକଟସ୍ଥ ବାଲେଶ୍ୱର କ୍ଲବ ପରିସରରେ ଜାରି ରହିଥିବା ୬୨ତମ ଓଡ଼ିଶା ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ବାଲେଶ୍ୱର କ୍ଲବ, ଲାୟନ୍ସ କ୍ଲବ ଅଫ୍ ସ୍ୟାଣ୍ଡ ସିଟି ଏବଂ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଉଦ୍ୟମରେ ଆୟୋଜିତ ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ଉତ୍କଳ ରଞ୍ଜନ ସାହୁ ତପନ ବଡ଼ମୁଣ୍ଡିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଦ୍ୱିତୀୟ ବୋର୍ଡ଼ରେ ପୁରୀର ରାଜେଶ କୁମାର ନାୟକ ରନର୍ସଅପ୍ ହୋଇଛନ୍ତି। ଶେଷ ରାଉଣ୍ଡରେ ରାଜେଶ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ରଙ୍କ ସହିତ ବାଜି ଅମୀମାଂସିତ ରଖିଥିଲେ। ସେହିପରି ଖୋର୍ଦ୍ଧାର କୌସ୍ତୁବ ଦାସ ଅନ୍ତିମ ରାଉଣ୍ଡରେ ବାଲେଶ୍ୱର ଦେବାଶିଷ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ଦୀର୍ଘ ଲଢ଼େଇ ପରେ ପରାସ୍ତ କରି ୩ୟ ସ୍ଥାନ ଦଖଲ କରିଥିଲେ। ୪ ଖେଳାଳି ଉତ୍କଳ ରଞ୍ଜନ ସାହୁ, ରାଜେଶ କୁମାର ନାୟକ,



ଉଦ୍‌ଯାପନୀ ଦିବସରେ ଆୟୋଜିତ ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା।

କୌସ୍ତୁବ ଦାସ ଓ ତପନ ବଡମୁଣ୍ଡି ଦିଲ୍ଲୀରେ ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହେବାକୁ ଥିବା ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ରାଜ୍ୟ ସମ୍ପାଦକ ଦେବବ୍ରତ ଭଞ୍ଜ, ଜାତୀୟ ଚେସ୍‌ର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ବାଲେଶ୍ୱର କ୍ଲବ ସମ୍ପାଦକ ସରସ ବୋଧନୱାଲା, ଲାୟନ୍ସ କ୍ଲବ ସ୍ୟାଣ୍ଡସିଟିର ସଭାପତି ଶଶୀଭୂଷଣ ମିଶ୍ର, ଜିଲା ଚେସ୍ ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲା ଚେସ୍ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, ବାଲେଶ୍ୱର କ୍ଲବର ଖେଳ ସମ୍ପାଦକ ଅରୁଣ କୁମାର ଖଣ୍ଡେଲୱାଲ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ୍ ୧୦୭ଜଣ ଖେଳାଳି ଭାଗ ନେଇଥିଲେ। ଏଥିରେ ୫୮ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ସାମିଲ ଥିଲେ।

# ତଦନ୍ତ କଲେ ସ୍ୱତନ୍ତ୍ର ଟିମ୍

## ଓଭରବ୍ରିଜରୁ ଟ୍ରକ୍ ଖସି ଚାଳକଙ୍କ ମୃତ୍ୟୁ ଘଟଣା

ସାରସକଣା,୯।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ସମ୍ମୁଖ ୪୯ନଂ. ଜାତୀୟ ରାଜପଥ ବମ୍ଫେଛକସ୍ଥିତ ଅର୍ଦ୍ଧନିର୍ମିତ ଓଭରବ୍ରିଜରୁ ଟ୍ରକ୍ ଖସି ଚାଳକଙ୍କ ମୃତ୍ୟୁ ଘଟଣାରେ ସୋମବାର ରାଜ୍ୟ ପରିବହନ ବିଭାଗର ସ୍ୱତନ୍ତ୍ର ଟିମ୍ ପହଞ୍ଚି ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ସ୍ୱତନ୍ତ୍ର ଟିମ୍ ସହିତ ମୟୂରଭଞ୍ଜ ଜିଲା ପରିବହନ ବିଭାଗର କେତେଜଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଖାରପୋଖରିଆ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ, ଏଲଆଣ୍ଡଟି କମ୍ପାନୀର ୪ଜଣ କର୍ମଚାରୀଙ୍କ ସହିତ ଏମ୍‌ପିଙ୍କ ଜାତୀୟ ରାଜପଥ ପ୍ରତିନିଧି ପତଞ୍ଜଳୀ ନନ୍ଦ ଓ ସ୍ଥାନୀୟ ଜନସାଧାରଣ ଏହି ତଦନ୍ତ ସମୟରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦୁର୍ଘଟଣା ପରେ ଜେଏମ୍ଏମ୍, କୁଡୁମୀସେନା, ମାସା ଆର୍ମୀ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏନ୍‌ଏଚ୍ଆଇ.(ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ) କର୍ତ୍ତୃପକ୍ଷ ଓ ଏଲଆଣ୍ଡଟି କମ୍ପାନୀକୁ ଦାୟୀ କରି ଗତ ସୋମବାର ଥାନାରେ ଅଭିଯୋଗ କରାଯାଇଥିଲା।

# 'ଗୋଟିଏ ପଞ୍ଚାୟତ ଗୋଟିଏ ପ୍ରକଳ୍ପ' କାର୍ଯ୍ୟର ତଦାରଖ କଲେ ଜିଲାପାଳ, ଶ୍ରମ ସଚିବ

ବାଲିଆପାଳ, ୯।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଚାଲିଥିବା ଗୋଟିଏ ପଞ୍ଚାୟତ ଗୋଟିଏ ପ୍ରକଳ୍ପ କାର୍ଯ୍ୟର ତଦାରଖ କରିବା ପାଇଁ ସ୍ୱତନ୍ତ୍ର ଅଫିସର ଭାବରେ ଶ୍ରମ ସଚିବ ଏନ୍. ତିରୁମାଲା, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ପ୍ରକଳ୍ପ ଅଧିକାରୀ ମଙ୍ଗଳବାର ବାଲିଆପାଳ ବ୍ଲକ ଗସ୍ତରେ ତଦାରଖ କରିବା ସହିତ ବିଭିନ୍ନ ଦିଗ ଅନୁଧାନ କରି ଫେରିଛନ୍ତି।ଜିଲାପାଳ, ଶ୍ରମ ସଚିବ ଓ ପ୍ରକଳ୍ପ ଅଧିକାରୀ ପ୍ରଥମେ ବାଲିଆପାଳ ବ୍ଲକର ବଳରାମପୁରଠାରେ ହେଉଥିବା ଆଦର୍ଶ ବିଦ୍ୟାଳୟର ବିଲଡ଼ିଂ କାର୍ଯ୍ୟର ତଦାରଖ କରିଥିଲେ। ଏଥିସହିତ ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲର ୫-ଟି କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜାମକୁଣ୍ଡା ପଞ୍ଚାୟତର ମିଶନଶକ୍ତି ପକ୍ଷରୁ ପ୍ରତକ୍ସନ ଗ୍ରୁପ ଦ୍ୱାରା ଅନୁଷ୍ଠିତ ସବାଇ ଘାସ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀରେ ଯୋଗଦେଇଥିଲେ। ଏଠାରେ ୨୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ଗ୍ରୁପର କାର୍ଯ୍ୟ ବିଷୟରେ ସମୀକ୍ଷା କରିବା ସହିତ ଏକ ପଞ୍ଚାୟତ ଏକ ଉତ୍ପାଦନ କେନ୍ଦ୍ରକୁ ମଧ ଉଦ୍‌ଘାଟନ କରିଥିଲେ। ଶ୍ରମ ସଚିବ ଓ ଜିଲାପାଳଙ୍କ ସହିତ ଜିଲା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ସାହୁ, ମିଶନ ଶକ୍ତି ଡିପିଏମ୍ ବିଶ୍ୱଜିତ ପରିଡା, ବିଡ଼ିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଦୀପକ କୁମାର ଦାଶ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବାଲିଆପାଳରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ଅଧିକାରୀ।

# କୋଲକାତାରେ ସୋରର ଯୁବକଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ସୋର, ୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ଖୁଣ୍ଟା ରାଧାବଲ୍ଲଭପୁର ଗ୍ରାମର ଜଣେ ଯୁବକ କୋଲକାତାରେ ଏକ ମିଠା କମ୍ପାନୀରେ କାମ କରୁଥିବା ବେଳେ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ବିନା ବ୍ୟବଚ୍ଛେଦରେ ତାଙ୍କ ସହିତ ରହୁଥିବା ଜଣେ ବ୍ୟକ୍ତି ମୃତଦେହକୁ ଏକ ଆମ୍ବୁଲାନ୍ସରେ ଗ୍ରାମକୁ ନେଇ ଆସିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକମାନେ ମୃତଦେହ ସହ ଆମ୍ବୁଲାନ୍ସକୁ ଅଟକ ରଖିଛନ୍ତି। ତାଙ୍କ ପାଟି ଓ କାନରୁ ରକ୍ତ ଝରୁଥିବା ବେଳେ ଏହି ମୃତ୍ୟୁ ସମ୍ପର୍କରେ ସେଠାକାର ପୋଲିସକୁ କୌଣସି ଖବର ନ ଦେଇ ବିନା ବ୍ୟବଚ୍ଛେଦରେ ଲୁଚାଇ ଘରକୁ ନେଇଆସିବା ସନ୍ଦେହକୁ ଅଧିକ ଘନୀଭୂତ କରିଛି। ସ୍ୱର୍ଗତ ଗୋପୀନାଥ ପରିଡ଼ାଙ୍କ ପୁଅ ଦିବାକର (୩୨) ୧୦ ବର୍ଷ ତଳେ କୋଲକାତା ଭିକାରୀରାମ ମିଠା କମ୍ପାନୀରେ ରୋଷେୟା ଭାବେ କାମ କରୁଥିଲେ। ମଙ୍ଗଳବାର ରାତିରେ ସେ ପରିବାର ଲୋକଙ୍କ ସହିତ ଭଲରେ କଥା ହୋଇଥିଲେ। ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଘରଲୋକଙ୍କ ପାଖରେ ପହଞ୍ଚିଥିଲା। ସେହି ଗ୍ରାମର ରମାକାନ୍ତ ପରିଡ଼ା ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନ କରି ଏକ ଆମ୍ବୁଲାନ୍ସରେ ଗାଁକୁ ଆଣି ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକାଇଥିଲେ। ରମାକାନ୍ତ ୧୦ବର୍ଷ ପୂର୍ବେ ଦିବାକରଙ୍କ ଘରୁ ଡାକିନେଇ ଏହି କମ୍ପାନୀରେ କାମରେ ଲଗାଇବା ସହିତ ଗୋଟିଏ ଘରେ ସାଙ୍ଗହେଇ ଅନ୍ୟମାନଙ୍କ ସହିତ ରହୁଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମବାସୀ ଆମ୍ବୁଲାନ୍ସ ସହ ରମାକାନ୍ତଙ୍କୁ ଅଟକାଇ ରଖିଛନ୍ତି।

# ବସ୍ତା ଜେଏମ୍ଏମ୍ ପକ୍ଷରୁ ଆମରଣ ଅନଶନ ଆଜି

ବସ୍ତା, ୯।୧୧(ଡି.ଏନ.ଏ.)

ବସ୍ତା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ତରଫରୁ ବିଭିନ୍ନ ଦାବି ପୂରଣ ପାଇଁ ବସ୍ତା ରେଳଷ୍ଟେଶନ ନିକଟରେ ଗୁରୁବାର ଆମରଣ ଅନଶନ ହେବ ବୋଲି ଜଣାଯାଇଛି। ପୁରୀ ପାସେଞ୍ଜର ପୁନଃ ଚଳାଚଳ, ଉତ୍କଳ, ବସ୍ତାଠାରେ ହାଇଦ୍ରାବାଦ ଏକ୍ସପ୍ରେସ୍‌ର ପୁନଃ ରହଣି ସହିତ ୪ନଂ. ପ୍ଲାଟଫର୍ମ ନିର୍ମାଣ, ଫ୍ଲାଏଓଭର ନିର୍ମାଣ ତଥା ରେଳମନ୍ତ୍ରୀଙ୍କ ଘୋଷିତ ୧୦ଟି ଦାବି ପୂରଣରେ ଅହେତୁକ ବିଳମ୍ବ ପାଇଁ ଆମରଣ ଅନଶନ କରାଯିବ ବୋଲି ଜେଏମ୍ଏମ୍ ତରଫରୁ କୁହାଯାଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣା,୯।୧୧(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ପଞ୍ଚାୟତ ଶବରଣୀ ବେଢ଼ା କାଜୁ ବଗିଚାରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ସାହାରପଡ଼ା ଫାଣ୍ଡି ପୋଲିସ ଜବତ କରିଛି। ମୃତକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର କାଶୀନାଥ ମହାନ୍ତଙ୍କ ସ୍ତ୍ରୀ ଜାଙ୍ଗିରି ମହାନ୍ତ(୩୭)। ସେ ମଙ୍ଗଳବାରଠାରୁ ନିଖୋଜ ଥିଲେ। ଏ ନେଇ ପାଟଣା ଥାନାରେ ନଂ. ୩୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସ୍ଆଇ ଶିବ ପ୍ରସାଦ ଆଇଚ ସୂଚନା ଦେଇଛନ୍ତି।

# 'କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରେ ଉତ୍ସବ'



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି।

ଭୋଗରାଇ, ୯।୧୧(ଡ଼ି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇସ୍ଥିତ ଶ୍ୟାମସୁନ୍ଦର ରିକ୍ରିଏଶନ ସେଣ୍ଟରର ଶତବାର୍ଷିକୀ ଉଦ୍‌ଘାଟନୀ ସମାରୋହ ରାହାସ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କଳା ସଂସ୍କୃତିର ଗନ୍ତାଘର କୁହାଯାଉଥିବା ଭୋଗରାଇ ମାଟିରୁ ବହୁ ଖ୍ୟାତନାମା କଳାକାର ଓଡ଼ିଶାର କଳାଜଗତକୁ ସମୃଦ୍ଧି କରିଛନ୍ତି। ବିଶେଷକରି କଳା ଓ ସଂସ୍କୃତିକୁ ଉତ୍ସବ ଉଜ୍ଜୀବିତ କରେ ବୋଲି ଏହି ଅବସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାର୍ଷିକ ଉତ୍ସବକୁ ସଙ୍ଗଠନ ସଭାପତି ଅଶୋକ କୁମାର ଚାନ୍ଦ ଓ ଉତ୍ସବ କମିଟି ସଭାପତି ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବକ୍ତୃତା, କୁଇଜ୍, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ ପରେ ସନ୍ଧ୍ୟାରେ ଶ୍ୟାମସୁନ୍ଦର ରାହସ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ। ଅଧ୍ୟାପକ ରାଜୀବଲୋଚନ ପରିଡା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ସଙ୍ଗଠନ ସମ୍ପାଦକ ମୁଖ୍ୟବ୍ୟକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ସୁଷମା କର, ଦିଲ୍ଲୀପ କୁମାର ଦତ୍ତ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କମିଟି ସଦସ୍ୟ ସୁଧାଂଶୁ ଶେଖର ପରିଡା ଧନ୍ୟବାଦ ଦେଇଥିଲେ। ଏହାପରେ ଏହି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକ 'ନୀରବ ଆହ୍ୱାନ' ମଞ୍ଚସ୍ଥ ହୋଇଥିଲା।

# ଗଢ଼ିଲା ଭୋଟର ସଚେତନତା ରଥ

ବାରିପଦା ଅଫିସ,୯।୧୧

ନୂତନ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିକୁ ନେଇ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଫେସିଲିଟେସନ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, କର୍ମକର୍ତ୍ତା ଓ ଆଗାମୀ ବର୍ଷରେ ଯୋଗ୍ୟ ବିବେଚିତ ହେବାକୁ ଥିବା ଭୋଟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଭୋଟରମାନଙ୍କୁ ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଅବଗତ କରାଯାଉଛି। ୧୭ବର୍ଷ ବୟସରୁ ଉର୍ଦ୍ଧ୍ୱ ଭୋଟରମାନେ ଆଗୁଆ ଆବେଦନପତ୍ର ଦାଖଲ କରିବା ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇବା,



ଭୋଟର ସଚେତନତା ରଥକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

ନାମ ପଞ୍ଜୀକରଣ ପାଇଁ ବର୍ଷରେ ଗୋଟିଏ ଯୋଗ୍ୟତା ସୂଚକ ବଦଳରେ ବର୍ଷକୁ ୪ଟି ଯୋଗ୍ୟତା ସୂଚକ ତାରିଖ ସ୍ଥିର କରାଯାଇଛି। ଜାନୁଆରୀ, ଏପ୍ରିଲ, ଜୁନ ଓ ଅକ୍ଟୋବର ମାସର ୧ତାରିଖ ଦିନ ସୁବିଧା ଅନଲାଇନ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜିକରଣର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଅବଗତ କରିବା ପାଇଁ ବୈଠକର ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ଯୁବ ଭୋଟରମାନେ ନିଜ ମୋବାଇଲରେ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପ ଲାଇନ ଆପ୍ ଡାଉନଲୋଡ କରି ନିଜେ ଘରେ ବସି ଆବେଦନ କରିପାରିବେ ବୋଲି ଜଣାଇଛନ୍ତି। ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀଙ୍କ ଜରିଆରେ ଗରୁଡ ଆପ ମାଧ୍ୟମରେ ମଧ ପଞ୍ଜୀକରଣ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଯଦି ଭୋଟର ତାଲିକାରେ ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଭୋଟର ତାଲିକା ସଂଶୋଧନ ସମୟ ମଧ୍ୟରେ ୪ଟି ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମରେ ଭୋଟରମାନେ ଉପସ୍ଥିତ ରହି ଏହାର ସୁବିଧା ନେଇପାରିବେ ବୋଲି ଜଣାଇଛନ୍ତି। ଏହି ଅବସରରେ ଜିଲାପାଳ ଚିଠା ଭୋଟର ତାଲିକାକୁ ପ୍ରକାଶନ କରିଥିଲେ। ଯୁବ ଭୋଟରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଓ ସଚେତନତା ରଥକୁ ପତାକା ଦେଖାଇ ଜିଲାପାଳ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଡେପୁଟି ଜିଲାପାଳ ସୁଶ୍ରିତା ଟୁଡୁ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଗୋପବନ୍ଧୁ ନଗର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ୪୦ ବର୍ଷୀୟା ମହିଳା ମଙ୍ଗଳବାର ବିଲକୁ କାମ କରିବାକୁ ଯାଇ ଥିବା ବେଳେ ପୁରୁଣାପାଣି ଗ୍ରାମର ଶ୍ୟାମ ସିଂ (୨୬) ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ଂ. ୩୧୪/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ, ସ୍ଥାନ: ରୟାଲ କୁଇନ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨, ସ୍ଥାନ: ଜିଲା ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**

- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ,ସ୍ଥାନ-ଶହୀଦ ସ୍ମୃତି ଭବନ(ବାରିପଦା),ସମୟ: ପୂର୍ବାହ୍ନ ୧୧ଟା।

## ମନ୍ଦିର ଚୋରି ଘଟଣାରେ ଆଉ ଜଣେ ଗିରଫ

ବୈଶିଙ୍ଗା,୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ଘଟଣାରେ ଗତ ୮ ତାରିଖରେ ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ବୁଧବାର ପୁଣି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ନାସିରୁଦ୍ଦିନଙ୍କ ପୁଅ ନସିମ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର। ୩ ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ବିଭିନ୍ନ ମନ୍ଦିରରେ ସିରିଜ ଚୋରି ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଗତ ୮ ତାରିଖରେ ବଡ଼ସାହି ଥାନା ଅଧୀନ ଭିମଦା ବଜାର ଅଞ୍ଚଳରେ ଥିବା ଏକ ସ୍କ୍ରାପ ଗୋଦାମ ଉପରେ ଚଢ଼ାଉ କରି ବ୍ୟାପକ ପରିମାଣର ତମ୍ବା, ପିତ୍ତଳ ଓ କଂସା ବାସନକୁସନ ସହ ବ୍ୟାଟେରି ଓ ଇନଭର୍ଟର୍ ମଧ୍ୟ ଜବତ କରାଯାଇଛି।

## କାର୍ତ୍ତିକ ପୂର୍ଣ୍ଣିମା, ମନ୍ଦିରରେ ଭିଡ଼

ଗୋପବନ୍ଧୁ ନଗର,୯।୧୧(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ କୁଆମରା ପଞ୍ଚାୟତ ସ୍ଥିତ ସିକିଡିଆଠାରେ ପାରମ୍ପରିକ ରୀତି ନୀତିରେ ପୂର୍ଣ୍ଣିମାଠାରୁ ଦୁଇ ଦିନ ବ୍ୟାପୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଗ୍ରାମ ମଧକୁ ଅଣାଯାଇ ପୂଜା ଅର୍ଚ୍ଚନା କରାଯିବା ସହ ଦିବା ରାତ୍ର ସଂକୀର୍ତ୍ତନ, ଅଷ୍ଟପ୍ରହରୀ ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କୌଶିକ ଦାସଙ୍କ ଦ୍ୱାରା ଦଧିକଳସ ଗ୍ରାମ ପରିକ୍ରମା କରାଯାଇଥିଲା। ପରିଚାଳନା କମିଟିର ସଭାପତି ହେମନ୍ତ ଦାସ, ସମ୍ପାଦକ ଉଜ୍ଜଳ ସେନ, ମଧୁସୂଦନ ମାଇତି, କମଳ ମାଇତି, ଅଶୋକ ମହାପାତ୍ର, ସୂର୍ଯ୍ୟନାରାୟଣ ଦେ ପ୍ରମୁଖ ପରିଚାଳନା କରିଥିଲେ। କମଳ ଲୋଚନ କର ମୁଖ୍ୟ ପୁରୋହିତ ଭାବେ ପୂଜା କାର୍ଯ୍ୟ ତୁଲାଇ ଥିଲେ।

## ଜ୍ୟୋତିର୍ବିଦ୍ ଅକ୍ଷୟ ପତିଙ୍କ ପରଲୋକ

ଧାମନଗର,୯।୧୧(ଡି.ଏନ.ଏ): ଭଦ୍ରକ ଜିଲା ଧାମନଗରର ଜ୍ୟୋତିର୍ବିଦ୍ ସାହିତ୍ୟିକ ଅକ୍ଷୟ ପତି( ୭୪)ଙ୍କ ପରଲୋକ ଘଟିଛି। ସେ ମଙ୍ଗଳବାର ବାଥରୁମରେ ପଡ଼ି ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ସେ ସୟମ୍ଭୁ ନାମକ ଏକ ପତ୍ରିକାର ସମ୍ପାଦକ ଥିଲେ। ଜୀବନ ଦର୍ଶନ ପରିଷଦ ମାତୃମନ୍ଦିର ନାମକ ଆଧାତ୍ମିକ ଅନୁଷ୍ଠାନର ମଧ ସେ ପ୍ରତିଷ୍ଠାତା ଥିଲେ।



ମଙ୍ଗଳବାର ଅନୁଷ୍ଠାନର ବାର୍ଷିକ ଉତ୍ସବ ସରିଥିବା ବେଳେ ପ୍ରତିଷ୍ଠାତାଙ୍କ ପରଲୋକ ସମସ୍ତ କର୍ମକର୍ତ୍ତା ଏବଂ ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ମରଶରୀରକୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଜନ୍ମସ୍ଥାନ ସରପୁର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁକୁ ଶ୍ରଦ୍ଧାଞ୍ଜଳି ଜଣାଇ ବୁଧବାର ଦିନ ସରପୁର ଛକ ବନ୍ଦ ରହିଥିଲା। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପ୍ରାକ୍ତନ ବ୍ଲକ୍ ଅଧକ୍ଷ ନାରାୟଣ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟା ଉମାମଣି ସାହୁ, ଜୀବନ ଦର୍ଶନ ପରିଷଦର ସମ୍ପାଦକ ଆଦିକନ୍ଦ ପ୍ରଧାନ, ସାଂସ୍କୃତିକ ସମ୍ପାଦକ କାଳନ୍ଦୀ ମଲ୍ଲିକ, ଭାଜପା ଭଦ୍ରକ ଜିଲା ମିଡିଆ ସେଲ ଅଧକ୍ଷ ବୈକୁଣ୍ଠ ସାହୁ, ଯୋଗେନ୍ଦ୍ର ପରିଡ଼ା, କମଳାକାନ୍ତ ପରିଡ଼ା, ରବି ନାରାୟଣ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବଡ଼ପୁଅ ଦେବୀ ପ୍ରସାଦ ପତି ମୁଖାଗ୍ନି ଦେଇଥିଲେ।

# ୨୧ ଟନ୍ ମାଂସ ଜବତ, ଡ୍ରାଇଭର ଗିରଫ

### ଗୋମାଂସ ସନ୍ଦେହରେ କଣ୍ଟେନର ଅଟକ ଘଟଣା

ବାହାନଗା, ୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ପୋଲିସ୍ ୧୬ ନମ୍ବର ଜାତୀୟ ରାଜପଥ ଶେରଗଡଠାରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ଗୋମାଂସ ବୋଝେଇ କଣ୍ଟେନରକୁ ଅଟକ ରଖିବା ଘଟଣାରେ ବୁଧବାର ଖନ୍ତାପଡା ଥାନା ପୋଲିସ ୨୧ଟନ ମାଂସ ଜବତ କରିଛି। ଏହାସହ କଣ୍ଟେନର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଶେରଗଡ ଟୋଲଗେଟ ନିକଟରେ ବଜରଙ୍ଗ ଦଳର କର୍ମୀମାନେ କୋଲକାତାରୁ ଚେନ୍ନାଇ ଅଭିମୁଖେ ଏକ କଣ୍ଟେନର (ନଂ.ଏବି ୩୯ ଡବ୍ଲ୍ୟୁ ୮୯୨୬)କୁ ମଙ୍ଗଳବାର ସନ୍ଧ୍ୟାରେ ଅଟକାଇଥିଲେ। ସେହି କଣ୍ଟେନର ଭିତରେ ଗୋମାଂସ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇଥିଲେ । ତେବେ ଅଟକ କଣ୍ଟେନରକୁ ଖନ୍ତାପଡା ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ପହଞ୍ଚି ଗାଡିର କାଗଜପତ୍ର ଯାଞ୍ଚ କରି ଛାଡି ଦେବା ପରେ ପୁନର୍ବାର ବଜରଙ୍ଗ ଦଳର କର୍ମୀମାନେ ଗାଡିକୁ ଯାଞ୍ଚ କରିବା ପାଇଁ ଅଡି ବସିବା ସହିତ ଗାଡିକୁ ଅଟକାଇ ଥାନାକୁ ଆଣିଥିଲେ । ତେବେ ଖନ୍ତାପଡା ଥାନାରେ ଗାଡିକୁ ରଖି ଯାଞ୍ଚ କରିବା ପାଇଁ ଅଡି ବସିଥିଲେ। ଗାଡିର ଥିବା କାଗଜପତ୍ର ଦେଖିବା ସହିତ ଡ୍ରାଇଭର ପେଟିରେ ଫଳ ଓ ମଇଁଷି ମାଂସ ନେଇଯାଉଥିବା କାଗଜପତ୍ର ଦେଖାଇଥିଲେ। ତେବେ ପୋଲିସ୍ କାଗଜପତ୍ର ଦେଖି ଛାଡିଦେବାର ଯୋଜନା କରୁଥିବା ବେଳେ ସ୍ଥାନୀୟ ଲୋକ ଓ ବଜରଙ୍ଗୀ ଦଳର କର୍ମୀମାନେ ଯାଞ୍ଚ କରିବା ପାଇଁ ଅଡିବସିଥିଲେ। ତେବେ ଗାଡିକୁ ଥାନାରେ ଅଟକ ରଖିବା ସହିତ ବୁଧବାର ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ସେଲଟ୍ୟାକ୍ସ ଅଧିକାରୀଙ୍କ ସମେତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ (ବିଭିଓ) ମନୋରଞ୍ଜନ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ କଣ୍ଟେନରର ଡୋର ଖୋଲିଯାଇଥିଲା। ତେବେ ଖୋଲିବା ପରେ ସେଥିରେ ମାଂସ ୨ଟନ ପେଟି ଭିତରେ ଥିବା ଜଣାପଡିଥିଲା। ଜବତ ମାଂସ ମଧ୍ୟରୁ ମାଂସ ଖଣ୍ଡକୁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି । ଅନ୍ୟ ମାଂସ ସବୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାତ ଖୋଳି ପୋତାଯାଇଥିଲା । ତେବେ କାଗଜପତ୍ର ଯାଞ୍ଚ ବେଳେ ଅଧିକାରୀମାନେ ଗୋଟିଏ ବିଲ୍‌ରେ ସେଓ ଦର୍ଶାଯାଇଥିବା ବେଳେ ଅନ୍ୟ ଏକ ବିଲ୍‌ରେ ମଇଁଷି ମାଂସ ଲେଖାଯାଇଥିଲା। ଡ୍ରାଇଭରଙ୍କ ନିକଟରେ ଯେଉଁ ଜିଏସଟି ନମ୍ବର ଅଛି ତାହା ଭୁଲ୍ ରହିଥିବା ଜଣାପଡିଥିଲା। ପୋଲିସ ମାଂସକୁ ଜବତ କରିବା ସହିତ ଗାତ ଖୋଳି ପୋତି ଦେଇଥିଲେ। ଗାଡିକୁ ଜବତ କରିବା ସହିତ ଡ୍ରାଇଭର ସେକ୍ ଫକିରୁଦ୍ଦିନଙ୍କୁ ଗିରଫ କରିଛନ୍ତି।

# ଗାଁ ସୁରକ୍ଷା ଦାବି କଲା କଂଗ୍ରେସ




ବାଲି ସଇରାତ ବନ୍ଦ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଉଛି।

### ରାଜନଗର ବାଲି ସଇରାତ ଖୋଲିବା ପ୍ରସଙ୍ଗ

ଜଳେଶ୍ୱର, ୯।୧୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଶିଖରପୁର ପଞ୍ଚାୟତ ରାଜନଗର ବାଲିଖାଦାନ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଗାଁ ସୁରକ୍ଷା ଲାଗି ବାଲି ଖାଦାନ ବନ୍ଦ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସେମାନେ ଜଳେଶ୍ୱର ତହସିଲଦାର, ବାଲେଶ୍ୱର ଜିଲାପାଳ ଓ ରାଜସ୍ୱ ବିଭାଗର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ରାଜନଗର ବାଲିଖାଦାନ ଲାଗି ୧୫ ହେକ୍ଟର ବାଲି ସଇରାତର ଜନଶୁଣାଣି ଶେଷ ହୋଇଛି । ଜନଶୁଣାଣିରେ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ ସ୍ୱଷ୍ଟ ସୂଚନା ନ ଥିଲା । ଗାଁ ନିକଟ ନଦୀବନ୍ଧକୁ ଲାଗି ଖାଦାନ ହେବା ଜାଣିବା ପରେ ବହୁ ବ୍ୟକ୍ତିଙ୍କ ମୁଣ୍ଡରେ ଭାଲେଣି ପଡିଛି। ଗାଁ ଓ ନଦୀର ସୁରକ୍ଷା ପାଇଁ ଜଳେଶ୍ୱର କଂଗ୍ରେସ ନେତା ତଥା ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ ଶିଖରପୁର ପଞ୍ଚାୟତର କଂଗ୍ରେସ ନେତା ଲକ୍ଷ୍ମୀଧର ଗିରିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଯାଇ ବାଲି ସଇରାତ ସ୍ଥାନରେ ଏକଜୁଟ ହୋଇଥିଲେ। ପ୍ରସ୍ତାବିତ ବାଲି ସଇରାତ୍ କରାଇ ନ ଦେବା ଲାଗି ସେମାନେ ଶପଥ ନେଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ହରିହର ସାହୁ, ଜୟନାରାୟଣ ସାମଲ, କ୍ଷେତ୍ରମୋହନ ମାଣିକ, ଭାଗବତ ମାଣିକ, ବଂଶୀଧର ସାହୁ, ହିମାଂଶୁ ପାତ୍ର, ବୈଦ୍ୟନାଥ ବେହେରା, ଦମୟନ୍ତୀ ବେହେରା, ବିଜୟ ବେହେରା, ଶିବଶଙ୍କର ବାରିକ, ଗଙ୍ଗାଧର ଗିରି, ନଟବର ଗିରି, ସବିତା ବେହେରା, ପ୍ରିୟଙ୍କା ବେହେରା, ସଞ୍ଜୁଲତା ମାଣିକ, ସରସ୍ୱତୀ ସାମଲ, ସ୍ୱପ୍ନରାଣୀ କୁଅଁର, ସରସ୍ୱତୀ ସାହୁ, ପୁଷ୍ପଲତା ସାମଲ, ଦୀପା ପାତ୍ର ପ୍ରମୁଖ ଯୋଗଦେଇ ଶପଥ ନେଇଥିଲେ ।

# ହିଂସା ପରିତ୍ୟାଗ କରିବାକୁ ଆହ୍ୱାନ

### ଜିଲାସ୍ତରୀୟ ଧର୍ମସଭା

ପାଟଣା,୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ମସଜିଦ ସନ୍ନିକଟ ପଡ଼ିଆରେ ସୋମବାର ପାଟଣା ମୁସଲିମ ସମୁଦାୟର ଜମିୟତ ଅହଲେ ହଦୀସ ତରଫରୁ ଜିଲାସ୍ତରୀୟ ଧର୍ମ ସଭା(ଜାଲସା) ଅନୁଷ୍ଠିତ ହୋଇଛି। ଆଇନଜୀବୀ ଫାୟଦ ଅହମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତା ରାଜ୍ୟ ଜମିୟତ ଅହଲେ ହଦିସ ରାଜ୍ୟ ଉପସଭାପତି ଶେଖ ତାହା ସେଇଦ ଖାଲିଦ ମଦାନୀ,ଅନ୍ୟତମ ବକ୍ତା ଭାବେ ତସଖୀର ମଦାନୀ, ହାଫିଜ ଅକିଲ ଅହମଦ ସଲଫି, ହଫିଜ ମେହରଜ ଜଆ ଆଲୱାୟି ପ୍ରମୁଖ ଯୋଗଦେଇ ମୁସଲିମ ଧର୍ମ ଓ କୋରାନକୁ ଅନୁକରଣ କରି ପ୍ରତି ଜୀବ ପ୍ରତି ଦୟା କରିବା, ଶତ୍ରୁ ପ୍ରତି ମଧ ଦୟା ପରବେଶ ହେବା ସହ ହିଂସା ପରିତ୍ୟାଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୨୩ ନଂ.ଜୋନ୍ ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ସ୍ଥାନୀୟ ସରପଞ୍ଚ ବିନତି ବାନରା ,ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ କୁମାର ଦାଶ, ପାଟଣା ମୁସଲିମ ସମାଜର ନଜରୁଲ ଆଲମ, ସମ୍ପାଦକ କଲିମ, ଖୁର୍ସିଦ ଆଲାମ, ଆଶିମ ଆନ ସାରି, ଓ ମହମଦ ଜମିଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାମିଲ ଆନସାରୀ, ଡବ୍ଲୁ ଆନସାରୀ, ଇରଫାନ ଆଶ୍ରି ,ପିଣ୍ଟୁ ଆଲମ, ମହମ୍ମଦ କଲାମ,ସରଫରାଜ ଆଲାମ,ସାମସେର ଆଲାମ ପ୍ରମୁଖ ପରିଚାଳନା କରିଥିଲେ। କୋରାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପିଲାମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ଟୋଲ୍ ଗେଟ୍ କର୍ମଚାରୀ ନିଯୁକ୍ତିରେ ଅନିୟମିତତା ନେଇ ଗଣଧାରଣା

ଭଣ୍ଡାରିପୋଖରୀ,୯।୧୧-(ସ୍ୱ.ପ୍ର)

ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳିଆଠାରେ ଟୋଲ ପ୍ଲାଜା କାର୍ଯ୍ୟକ୍ଷମ ହୋଇଛି। ମାତ୍ର ଟୋଲ ଗେଟ୍‌ରେ ସ୍ଥାନୀୟ ବେକାରୀ ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ନ ଦେଇ ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ କରି ଭାଜପା ପକ୍ଷରୁ ଧାରଣା ଦିଆଯାଇଛି। ସଂସ୍ଥା ଲାଞ୍ଚ ନେଇ ରାତି ଅଧିଆ ନିଯୁକ୍ତି ଦେଇଛି ବୋଲି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଜେପି ନେତା ବଦ୍ରି ନାରାୟଣ ଧଳ ପ୍ରକାଶ କରିଛନ୍ତି। ଏହାକୁ ବିରୋଧ କରି ବୁଧବାର ଧଳଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସେନାପତି, ପୂର୍ବତନ ସମିତିସଭ୍ୟ ପ୍ରଣବ ରାଉତ, ଯୁବନେତା ସ୍ୱରାଜ ମହାପାତ୍ର, ରାଜେଶ ବିଶ୍ୱାଳ, ରଙ୍ଗାଧର ରାଉତ, ଦିଲ୍ଲୀପ ସାହୁ, ପ୍ରଦୀପ ସାହୁ, କୈଳାସ ସାହୁ, ବିବେକାନନ୍ଦ ସାହୁଙ୍କ ସମେତ ରାମଚନ୍ଦ୍ରପୁର, ନେରଡ଼ା ଓ ତେସିଙ୍ଗା ପଞ୍ଚାୟତର ୨ ଶହରୁ ଉର୍ଦ୍ଧ୍ୱ ଯୁବକ ଓ ମହିଳା ଗଣଧାରଣାରେ ବସିଛନ୍ତି। ଗଣଧାରଣାରେ ଶହଶହ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ପ୍ରକାଶ ଯେ, ଟୋଲ ପ୍ଲାଜା ସ୍ଥାନାନ୍ତର ହେବା ପରେ ଯାଜପୁର ଟାଉନ୍ ଓ ରୋଡ଼, ସୁକିନ୍ଦା, କେନ୍ଦୁଝର ଜିଲାର ବହୁ ଗାଡ଼ି ମାଲିକ ଟୋଲ ବାବଦରେ ଆଦାୟ ହେଉଥିବା ଦେୟରୁ ବାଦ ପଡ଼ିଛନ୍ତି। କିନ୍ତୁ ଭଦ୍ରକବାସୀଙ୍କ ପାଇଁ ଯେଉଁ ବୋଝ ଥିଲା ସେ ବୋଝ ରହିଛି ବୋଲି ଭାଜପା କହିଛି।



ଧାରଣାରେ ବସିଥିବା ଭାଜପା କର୍ମକର୍ତ୍ତା।

## ଅସୁସ୍ଥ ହାତୀର ସ୍ୱାସ୍ଥ୍ୟରେ ଉନ୍ନତି ହେଉନି

ଚମ୍ପୁଆ,୯।୧୧(ଡି.ଏନ୍.ଏ)

କେନ୍ଦୁଝର ଚମ୍ପୁଆ ରେଞ୍ଜ ଚମକପୁର ଅଞ୍ଚଳରେ ଆହତ ହାତୀର ଚିକିତ୍ସାରେ ଉନ୍ନତି ହେଉନି। ଗତ ମାସରେ ଚିକିତ୍ସା ହୋଇଥିବା ବେଳେ ଏପର୍ଯ୍ୟନ୍ତ ସୁସ୍ଥ ହୋଇନାହିଁ। ଏ ନେଇ ବୁଧବାର ଭୁବନେଶ୍ୱରସ୍ଥିତ ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଚାଲିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୨୪ରେ ଏକ ଅସୁସ୍ଥ ହାତୀକୁ ଚମ୍ପୁଆ ବନବିଭାଗ ଚମକପୁର ଜଙ୍ଗଲରେ ଠାବ କରିଥିଲେ। ହାତୀଟିର ଡାହାଣ ଗୋଡ଼ ପାଦରେ ଆଘାତ କାରଣରୁ କ୍ଷେତ ସୃଷ୍ଟି ହୋଇଥିଲା। ଜିଲା ବନ ଅଧିକାରୀ ଏଚ୍‌ଡି ହନୁମନ୍ତଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଭାରପ୍ରାପ୍ତ ରେଞ୍ଜର ସଞ୍ଜୀବ ରାଉତ ଡାକ୍ତରଙ୍କ ଦ୍ୱାରା ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ହାତୀଟି ଅନେକ ସମୟରେ ଘଞ୍ଚ ଜଙ୍ଗଲକୁ ପଳାଉଥିବାରୁ ହାତୀଟିକୁ ଠାବ କରି ଚିକିତ୍ସା କରାଇବା ବନବିଭାଗ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇପଡ଼ିଥିଲା। ବୁଧବାର ଓୟୁଏଟିର ଡା. ଇନ୍ଦ୍ରମଣୀ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ପ୍ରକାଶ ଚନ୍ଦ୍ର ଘଡ଼େଇ ଆହତ ହାତୀର ଚିକିତ୍ସା କରୁଥିବା ଜଣାଯାଇଛି।

## ସେବାୟତ ସଂଘ ପକ୍ଷରୁ ହେତୁବାଦୀଙ୍କ କୁଶପୁତ୍ତଳିକା ଦାହ

ବାରିପଦା ଅଫିସ,୯।୧୧

ଜଗନ୍ନାଥଙ୍କୁ ଅପମାନ ପ୍ରତିବାଦରେ ରାଜ୍ୟ ସେବାୟତ ସଂଘ ପକ୍ଷରୁ ହେତୁବାଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ବୁଧବାର ସନ୍ଧ୍ୟାରେ ବାରିପଦା ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଏକତ୍ରିତ ହୋଇ ହେତୁବାଦୀଙ୍କ ଏପରି କାର୍ଯ୍ୟ କଳାପକୁ ନିନ୍ଦା କରିବା ସହ ପ୍ରତିବାଦ ସ୍ୱରୂପ କୁଶପୁତ୍ତଳିକା ଦାହ କରିଥିଲେ। ହେତୁବାଦୀମାନେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ଦିନ ଆମିଷ ଭକ୍ଷଣ କରି ଜନସାଧାରଣଙ୍କୁ ଖୁଆଇବା ସହିତ ବିଜ୍ଞାନ ଆଧାରରେ ସନାତନ ଧର୍ମର ଅପମାନ କରିଛନ୍ତି। ହେତୁବାଦୀମାନେ ପ୍ରଭୁ ଜଗନ୍ନାଥଙ୍କଠାରେ କ୍ଷମା ନ ମାଗିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କୃଷି ସଚେତନତା କାର୍ଯ୍ୟକ୍ରମ

ଗୋପବନ୍ଧୁ ନଗର ,୯।୧୧ (ଡି.ଏନ୍.ଏ,)

ଧାନ ପାଚିବା ବେଳକୁ ଚାଷ ଜମିରେ କାଣ୍ଡ ବିନ୍ଧା, ପତ୍ର ପୋଡ଼ା ଓ ଚକଡ଼ା ପୋକ ଲାଗି କ୍ଷୟକ୍ଷତି କରୁଛନ୍ତି। ୨୫ପ୍ରତିଶତ ଜମିରେ ଏହି ପୋକ ସବୁ ଲାଗିଥିବା ଦେଖିବାକୁ ମିଳୁଛି। ଫଳରେ ଅମଳ ସମୟରେ ଚାଷୀ ମୁଣ୍ଡରେ ଚଡକ ପଡିଛି। ଏହାର ନିୟନ୍ତ୍ରଣ ପାଇଁ ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ତଳକଡଦା ଗାଁର ସେନଚୁରିଅନ ବିଶ୍ୱ ବିଦ୍ୟାଳୟ ପାରଳାଖେମୁଣ୍ଡିର ଏମ୍‌ଏସ୍ ସ୍ୱାମୀନାଥନ ସ୍କୁଲ ଅଫ ଏଗ୍ରିକଲଚରର ବିଜ୍ଞାନ ଛାତ୍ର କୁମାର କୌଶିକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଅଞ୍ଚଳର କ୍ଷୀରୋଦ କୁମାର ପଣ୍ଡା, ଚିତ୍ତରଞ୍ଜନ ଦାସ, ସନ୍ତୋଷ କୁମାର ଦାସ, ବିଶ୍ୱ ରଞ୍ଜନ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ରୋହିତ ପାତ୍ର, ରବୀନ୍ଦ୍ର କୁମାର ପାତ୍ର ପ୍ରମୁଖ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ।

## କାୟାକଳ୍ପ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



କୁପାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଧାୟକ କାୟାକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଖଇରା, ୯।୧୧(ଡି.ଏନ.ଏ.)

ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଙ୍ଗଳବାର ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଗୁଡିକ ପରିଦର୍ଶନ କରିବା ସହ କାୟାକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଡୁଙ୍ଗୁରା, କୁପାରୀ, ଗଣ୍ଡିବେଡ ଓ ଡୁଡିଗଡିଆ ପିଏଚସିଗୁଡିକର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, ପାଚେରି, ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ବୁଲି ଦେଖିଥିଲେ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ସହ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର, ବିପିଏମ ସୂର୍ଯ୍ୟକାନ୍ତ ବାରିକ, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ତଥା ସଂପୃକ୍ତ ଆରୋଗ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ।

## ପୂଜାମଣ୍ଡପ ବୁଲିଲେ ମନ୍ତ୍ରୀ



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପୂଜା ମଣ୍ଡପ ବୁଲୁଛନ୍ତି।

ବାସୁଦେବପୁର,୯।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ କାଳୀପୂଜା ଧୁମଧାମରେ ଚାଲିଥିବା ବେଳେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମଙ୍ଗଳବାର ସନ୍ଧ୍ୟାରେ ମା' କାଳୀଙ୍କର ଦର୍ଶନ କରି ଆର୍ଶୀବାଦ ଲାଭ କରିଛନ୍ତି। ତାଙ୍କ ସହିତ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସାମାଜିକକର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ମା' କାଳୀଙ୍କ ଦର୍ଶନ କରିଥିଲେ।

## ଦେଶୀମଦ ଜବତ, ୩ ଗିରଫ

ବେତନଟୀ,୯।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ଅବକାରୀ ବିଭାଗ ବୁଧବାର ୩ ସ୍ଥାନରେ ଚଢ଼ାଉକରି ବିପୁଳ ପରିମାଣର ରନ୍ଧାମଦ ଏବଂ ସରଞ୍ଜାମ ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରଛି। ଗିରଫ ଅଭିଯୁକ୍ତମାନେ ହେଲେ ବେତନଟୀ ବ୍ଲକ ଅଧୀନ ଚନ୍ଦନମୁଖା ଗ୍ରାମର ଶାଲଖାନ ମାରାଣ୍ଡିଙ୍କ ପୁଅ ଶ୍ୟାମସୁନ୍ଦର(୩୦), ପିଞ୍ଚବଣିଆ ଗ୍ରାମର ବିଶାଲ ମାରାଣ୍ଡିଙ୍କ ପୁଅ କାହ୍ନୁ(୫୫) ଏବଂ ମଛପଦା ଉପକଣ୍ଠ ନୟାବସନ୍ତପୁର ଗ୍ରାମର କମଲ ସିଂଙ୍କ ସ୍ତ୍ରୀ ଜୟନ୍ତୀ(୩୨)। ସେମାନଙ୍କଠାରୁ ମୋଟ ୯୭ଲିଟର ରନ୍ଧା ଦେଶୀମଦ ସମେତ ମଦପ୍ରସ୍ତୁତିରେ ବ୍ୟବହୃତ ଆଲୁମିନିୟମ ଡେକଚି ଏବଂ ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି। ସେହିଭଳି ୧୦କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମହୁଲପୋଚ ସମେତ ଅନ୍ୟାନ୍ୟ ସରଞ୍ଜାମଗୁଡ଼ିକୁ ମଧ ଭାଙ୍ଗି ନଷ୍ଟ କରି ଦିଆଯାଇଛି। ବେତନଟୀ ଅବକାରୀଥାନା ଅଧିକାରୀ ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏଏସ୍‌ଆଇ ସୁଧାଂଶୁ ବେହେରା, ପ୍ରକାଶ ଦେବତା, କାଶୀନାଥ ସୋରେନ, ଦୀପିକା ପରିଡା ପ୍ରମୁଖ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ଆସିଆନା ଦ୍ୱାରା ପ୍ରେମୀଯୁଗଳଙ୍କ ବିବାହ



ଲୋକନାଥ ମନ୍ଦିର ସମ୍ମୁଖରେ ନବ ଦମ୍ପତି।

ଭଦ୍ରକ ଅଫିସ, ୯।୧୧

ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ମହିଳା ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରାୟୋଜିତ ଆସିଆନା ସ୍ୱଧାର ଗୃହର ଜଣେ ଅନ୍ତେବାସିନୀଙ୍କ ବିବାହ ତାଙ୍କ ପ୍ରେମିକଙ୍କ ସାଙ୍ଗରେ ବୁଧବାର ଭଦ୍ରକ ସ୍ଥିତ ଲୋକନାଥ ମନ୍ଦିରରେ କରାଯାଇଛି।

ସୂଚନା ଅନୁଯାୟୀ, ଆଗରପଡ଼ା ଥାନା ଅଧୀନ ଟିକିରା ଗ୍ରାମର ହରେନ୍ଦ୍ର ରାଉତଙ୍କ ପୁଅ ଅଶୋକ କୁମାର ରାଉତ(୨୧) ଧୂଷୁରୀ ଥାନା ଅନ୍ତର୍ଗତ ବେତାଳୀଗାଁ ପ୍ରତିଶ୍ରୀ ନାମକ ଜଣେ ଝିଅଙ୍କୁ ୪ ବର୍ଷ ଧରି ଭଲ ପାଇଆସୁଥିଲେ। ପ୍ରତିଶ୍ରୀଙ୍କ ପରିବାର ଏକଥା ଜାଣିବା ପରେ ତାଙ୍କୁ ବିରୋଧ କରିବାରୁ ସେ ଘର ଛାଡ଼ି ଚାଲିଯାଇଥିଲେ। ଝିଅର ପରିବାର ଏନେଇ ତାର ପ୍ରେମିକ ଅଶୋକ ନାମରେ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ପୋଲିସ ପ୍ରତିଶ୍ରୀକୁ ଉଦ୍ଧାର କରି କୋର୍ଟରେ ହାଜର କରିଥିଲା। କୋର୍ଟରେ ନିଜ ପରିବାର ଲୋକଙ୍କ ସାଙ୍ଗରେ ଯିବା ପାଇଁ ଅରାଜି ହେବାରୁ ଚାଇଲ୍ଡ ଲାଇନ ଦ୍ୱାରା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। କମିଟିର ନିର୍ଦ୍ଦେଶ କ୍ରମେ ତାଙ୍କୁ ଆସିଆନା ମୁକ୍ତାଶ୍ରୟ କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ଗତ ୨୬ ଅଗଷ୍ଟ ୨୦୨୨ରେ ତାଙ୍କୁ ୧୮ ବର୍ଷ ପୂର୍ଣ୍ଣ ହେବା ପରେ ଆସିଆନା ସ୍ୱଧାର ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଆସିଆନାରେ କରାଯାଇଥିବା କାଉନ୍‌ସିଲିଙ୍ଗରେ ସେ ନିଜ ପ୍ରେମିକ ଅଶୋକଙ୍କୁ ବିବାହ କରିବ ବୋଲି କହିଥିଲେ। ଆସିଆନା କର୍ତ୍ତୃପକ୍ଷ ବିବାହ ପାଇଁ ପୁଅ ଓ ଝିଅଙ୍କ ମାତାପିତାଙ୍କୁ ଫୋନ ଓ ଚିଠି ମାଧ୍ୟମରେ ଜଣାଇଥିଲେ। ଝିଅର ପିତାମାତା ଏହି ବିବାଘର ପାଇଁ ସମ୍ମତି ଜଣାଇଥିଲେ ମଧ ବିବାହକୁ ଆସି ନ ଥିଲେ। ଏହି ବିବାହ ଉତ୍ସବରେ ଆସିଆନାର ସମ୍ପାଦିକା ସୋଫିଆ ସେକ, ଜିଲା ମହିଳା ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ଚନ୍ଦ୍ରା ସାହୁ, ବରିଷ୍ଠ ଆଇନ୍‌ଜୀବୀ ଗଦାଧର ବଳ, ହେଡ୍ ସୁପରଭାଇଜର ରଶ୍ମିତା ନାୟକ, କାଉନସିଲର ଅନିମା ପଣ୍ଡା, ସଂଯୋଜକ ରିଆଜ ଅହମ୍ମଦ, ଶାନ୍ତିଲତା ସ୍ୱାଇଁ ଏବଂ ଅଶୋକଙ୍କ ମା'ବାପା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୈତରଣୀ ଗଭୀର ଗଣ୍ଡକୁ ଡେଇଁ ଯୁବକ ନିଖୋଜ



ଧୂଷୁରୀ,୯।୧୧- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଲସାହି ପଞ୍ଚାୟତ ସାହୁସାହି ଗ୍ରାମ ନିକଟରେ ବୁଧବାର ଜଣେ ଯୁବକ ବୈତରଣୀ ନଦୀର ବନ୍ଧ ଉପରୁ ଗଭୀର ଗଣ୍ଡକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଧାମନଗର ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରୁଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ମଧାହ୍ନରେ ଜଣେ ଅପରିଚିତ ଯୁବକ ନଦୀର ଗଭୀର ଗଣ୍ଡକୁ ଡେଇଁପଡ଼ିଥିବା ସ୍ଥାନୀୟ କିଛି ଲୋକ ଦେଖିଥିଲେ। ଖବରପାଇ ଧୂଷୁରୀ ଥାନା ଓ ଧାମନଗର ଅଗ୍ନିଶମ ବିଭାଗ ସହ ଓଡ୍ରାଫ୍ ଟିମ ପହଞ୍ଚି ଖୋଜାଖୋଜି କରୁଛନ୍ତି।

### ବିରଳ ନାଗ ଉଦ୍ଧାର

ସୋର, ୯।୧୧(ଡି.ଏନ୍.ଏ.)-ବୁଧବାର ସକାଳେ ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଏକ ବିରଳ ନାଗ ଉଦ୍ଧାର କରାଯାଇଛି। ଏହି ଗ୍ରାମର ସବୁଜ ବାହିନୀ କମିଟି ସଦସ୍ୟ ସାଗର ସିଂଙ୍କ ବାଡ଼ିରେ ଏକ ୩ ଫୁଟ ଲମ୍ବର ନାଗ ବୁଲୁଥିବା ଦେଖିବାକୁ ପାଇଥିଲେ। ସେ ସାପକୁ ସୁରକ୍ଷିତ ଭାବେ ଧରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ନାଗକୁ ନେଇ ବାଘଆମ୍ବୁଡା ବିଟ୍ ହାଉସ୍ ଅନ୍ତର୍ଗତ ହଦ ଜଙ୍ଗଲରେ ଛାଡି ଦେଇଥିବା ଜଣାଯାଇଛି।

### ମାସିକ ସନ୍ଥ ଜୟନ୍ତୀ ଦିବସ

ବାରିପଦା ଅଫିସ,୯।୧୧-ବାରିପଦା ରଘୁନାଥପୁରସ୍ଥିତ ଶ୍ରୀଶ୍ରୀ ହରିହର ମନ୍ଦିର ପ୍ରାଙ୍ଗଣରେ ସଦଭାବନା ସମିତି ଆନୁକୂଲ୍ୟରେ ମାସିକ ସନ୍ଥ ଜୟନ୍ତୀ ଦିବସ ସମାରୋହ ପାଳିତ ହୋଇଯାଇଛି । ଜୟ ସନ୍ଥ ଜୟ ସମାଜର ଉଦ୍‌ଘୋଷକ ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ଉପଦେଷ୍ଟା ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲ, ବାରିପଦା ଖଲସା ପନ୍ଥର ସର୍ଦ୍ଦାର ହରିଚରଣ ସିଂହଜୀ, ସମାଜସେବୀ ଅର୍ଦ୍ଧେନ୍ଦୁ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ସାର ଗର୍ଭକ ମତାମତ ଉପସ୍ଥାପନା କରିଥିଲେ। ଆତ୍ମାର ମିଳନ ପାଇଁ ବିନମ୍ରତାର ସହ ନମସ୍ତେ ଉଚ୍ଚାରଣ ଏବଂ ପ୍ରତ୍ୟେକ ଗୁରୁଜନଙ୍କୁ ଭୂମିଷ୍ଠ ପ୍ରଣିପାତ ହିଁ ପ୍ରଣାମ, ଖୋଲା ହୃଦୟରେ ହାତ ଖୋଲି ଯେ ଦିଏ ଏବଂ ନିଏ ନାହିଁ ସେ ଦେବତା,ଯାହାଙ୍କୁ ପୂଜା କରିବା ସହିତ ଠାବ କରାଯାଏ ସେ ଠାକୁର ଏବଂ ଯେଉଁ ପ୍ରତିଭା ସମ୍ମୁଖରେ ନିର୍ଦ୍ଦେଶ ଦେଇ କର୍ମଯୋଗୀ କରାନ୍ତି ସେହି ହିଁ ପ୍ରଭୁ ବାଚ୍ୟ ବୋଲି ବୁଗୁଡେଇ ବିଧିସମ୍ମତ ଯୁକ୍ତି ଉପସ୍ଥାପନ କରିଥିଲେ। ସମିତିର ସମ୍ପାଦକ ଡା.ପୂର୍ଣ୍ଣଚନ୍ଦ୍ର ଜେନା ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ସୁନୀଲ କୁମାର ସି ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଧାନ ମଣ୍ଡିରେ ସୁବ୍ୟବସ୍ଥା କରିବାକୁ ଦାବି

କେନ୍ଦୁଝର,୯।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ଧାନ ଅମଳ ଆରମ୍ଭ ହୋଇଛି। କିନ୍ତୁ ଅଦ୍ୟାବଧି ଧାନ କିଣିବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ହୋଇନାହିଁ। ଏଣୁ ତୁରନ୍ତ ମଣ୍ଡି ଖୋଲି ଧାନ କିଣିବା ସହ ପୂର୍ବ ବର୍ଷମାନଙ୍କରେ ଧାନ କିଣାରେ ଦେଖାଦେଇଥିବା ଅବ୍ୟବସ୍ଥା ଯେପରି ପୁନରାବୃତ୍ତି ନ ହୁଏ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ସୋମବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲାର ଧାନ ମଣ୍ଡିମାନଙ୍କରେ ଧାନ କିଣାରେ ସୁ-ବ୍ୟବସ୍ଥା କରିବା ପାଇଁ କେନ୍ଦୁଝର ଜିଲାପାଳ ଆଶିଷ୍ ଠାକ୍‌ରେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୦-୨୧ ଓ ୨୦୨୧-୨୨ ମସିହାରେ ଜିଲାରେ ପ୍ରାୟତଃ ୧୦ ହଜାର ଲେଖାଏ ଚାଷୀ ତ୍ରୁଟିପୂର୍ଣ୍ଣ ଧାନକିଣା ଯୋଗୁ ଧାନ ବିକି ନ ପାରି ଦଲାଲଙ୍କ ହାତରେ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହୋଇଥିଲେ। ୨୦୨୨-୨୩ ଖରିଫ ଋତୁରେ ଚାଷୀଙ୍କ ଉତ୍ପାଦିତ ଧାନକୁ ସରକାରୀ ମଣ୍ଡିମାନଙ୍କରେ ବିକ୍ରୟ କରିବାର ସୁବ୍ୟବସ୍ଥା କରିବା ସହ ମଣ୍ଡିରେ ଚାଷୀମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସହ ଟାର୍ଗେଟ ପୂରଣ, ଟୋକନ ଲାପ୍‌ସ ଭଳି ସରକାରୀ ଅବହେଳା ନ କରିବାକୁ ସଂଗଠନର ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଖଗେଶ୍ୱର ମହାନ୍ତ, ନିତ୍ୟାନନ୍ଦ ନାୟକ ସମେତ ଲିଖିତ ଦାବି କରିଛନ୍ତି।

# ରାସ୍ତାରୋକୋ କଲେ ଛାତ୍ରୀ

କପ୍ତିପଦା,୯।୧୧(ଡି.ଏନ୍.ଏ.)

ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ମୟୂରଭଞ୍ଜ ଜିଲା ଶରତସ୍ଥିତ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବୁଧବାର ଶରତ-ଠାକୁରମୁଣ୍ଡା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ପରେ ଶରତ ଥାନାର ଭାରପ୍ରାପ୍ତ ଅଧିକାରିଣୀଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ବାଳିକା ବିଦ୍ୟାଳୟରେ ଗତ ୪ ତାରିଖ ଅପରାହ୍ନ ୩ଟା ସମୟରେ ପ୍ରଧାନଶିକ୍ଷୟିତ୍ରୀ ନମିତା ରାଣୀ ଦାସ ନବମ ଶ୍ରେଣୀର ଜଣେ ଆଦିବାସୀ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିରେ ମର୍ମାହତ ହୋଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିବା ପାଇଁ ଛାତ ଉପରକୁ ଯାଉଥିବା ସମୟରେ ସହପାଠିନୀ ଜାଣିପାରି ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ହଷ୍ଟେଲ ପରିଚାଳିକା ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। କେବଳ ସେତିକି ନୁହେଁ ହଷ୍ଟେଲ୍‌ରେ ଠିକ୍‌ଭାବରେ ଖାଇବାକୁ ନ ଦେବା, ପ୍ରତିବାଦ କଲେ ରୋଷେୟା ଗାଳିଗୁଲଜ କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଧାରଣା ସମୟରେ ଛାତ୍ରୀ ଦେବକୀ ହେମ୍ବ୍ରମ୍ ଅଚେତ ହୋଇଯିବାରୁ ତାଙ୍କୁ ପ୍ରଥମେ ଶରତ ଓ ପରେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସନ୍ଦୀପ କୁମାର ସିଂ, ବିଇଓ ରମାକାନ୍ତ ମହାନ୍ତି, ଶରତ ଥାନାଧିକାରିଣୀ ପ୍ରେମଦା ନାଏକ, ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ସିଂ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ ମଧ ଖବର ଲେଖାହେବା ସୁଦ୍ଧା ଛାତ୍ରୀମାନେ ରାସ୍ତାରୋକା କରିଥିବା ସୂଚନା ମିଳିଛି।



ରାସ୍ତାରୋକୋ କରିଥିବା ଛାତ୍ରୀମାନେ।

## ହାତୀଙ୍କ ଜଳକ୍ରୀଡ଼ା ଦେଖିବାକୁ ଲୋକଙ୍କ ଭିଡ଼


ହାତୀପଲ ଏକ ଜଳାଶୟରେ ଜଳକ୍ରୀଡ଼ା କରୁଛନ୍ତି।

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ହାତୀପଲଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସହରାଞ୍ଚଳର ଲୋକମାନେ ହାତୀ ଦେଖିବାକୁ ଗ୍ରାମ ଓ ଜଙ୍ଗଲମୁହାଁ ହେଉଛନ୍ତି। କେଉଁଠି ହାତୀପଲଙ୍କୁ ଦେଖିବାକୁ ଭିଡ଼ ଜମୁଛି ତ କେଉଁଠି ହାତୀମାନଙ୍କ ଜଳକ୍ରୀଡ଼ା ଦୃଶ୍ୟର ହାତ ଛଡ଼ା କରୁନାହାନ୍ତି। ଫଳରେ ଅନେକ ଅଞ୍ଚଳ ସତେ ଯେପରି ହାତୀ ସଫାରିର ଭ୍ରମ ସୃଷ୍ଟି କରୁଛି। ଫଳରେ ଲୋକଙ୍କ ସୁରକ୍ଷାକୁ ନେଇ ବନ ବିଭାଗର ଚିନ୍ତା ବଢ଼ିଯାଇଛି।

ପାଟଣା ରେଞ୍ଜରେ ବୁଲୁଥିବା ୨୪ ଟିକିଆ ହାତୀପଲ ବୁଧବାର ବିଷ୍ଣୁପୁରସ୍ଥିତ ଏକ ଜଳାଶୟରେ ଜଳକ୍ରୀଡ଼ା କରୁଥିଲେ। ଏହାକୁ ଦେଖିବାକୁ ସେଠାରେ ଲୋକଙ୍କ ଅସମ୍ଭାଳ ଭିଡ଼ ହୋଇଥିଲା। ବନ ବିଭାଗ ପକ୍ଷରୁ ଭିଡ଼ ନ କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟରେ କୁହାଯାଉଥିଲେ ବି ଲୋକେ ଶୁଣି ନ ଥିଲେ। ପଲରେ ଛୁଆ ହାତୀ ରହିଥିବାରୁ ହାତୀମାନେ ସେମାନଙ୍କ ସୁରକ୍ଷା ପାଇଁ ଅନେକ ସମୟରେ ଉଗ୍ର ହେଉଥିବା ଦେଖାଯାଇଥିଲା। ଲୋକଙ୍କ ପାଟିତୁଣ୍ଡ, ପଥର ମାଡ଼ରେ ହାତୀ ଏଣେତେଣେ ଦୌଡ଼ିଥିଲେ। ପଲ ଜନବସତି ଅଞ୍ଚଳ ଘେରାରେ ରହିଯାଇଥିବାରୁ ବିଶ୍ରାମ ନେଇପାରୁନାହାନ୍ତି। ଭୋକ ଓ ଲୋକଙ୍କ ଭିଡ଼ରେ ହାତୀପଲ ବ୍ୟତିବ୍ୟସ୍ତ ହୋଇପଡୁଥିବାରୁ ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଟାଟା ଷ୍ଟିଲ ପକ୍ଷରୁ 'ରନ୍ ଏ ଥନ' ପ୍ରସ୍ତୁତି

ଯୋଡ଼ା,୯।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଟାଟା କମ୍ପାନୀ ପକ୍ଷରୁ ନୂଆମୁଣ୍ଡିଠାରେ ଚତୁର୍ଥ ଥର ପାଇଁ 'ରନ ଏ ଥନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବାଳିକାବାଳକମାନେ ଅଂଶ ଗ୍ରହଣ କରି ପାରିବେ। ଏଥିରେ ଦିବ୍ୟାଙ୍ଗ ଧାବିକାଧାବକମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ବିଜେତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟାଟା ଷ୍ଟିଲ ସଂସ୍କୃତିରେ କ୍ରୀଡ଼ା ଏକ ପ୍ରମୁଖ ଅଂଶ ବୋଲି ଟାଟା ଷ୍ଟିଲ୍ ମୁଖ୍ୟ ସରୋଜ ବାନାର୍ଜୀ କହିଥିଲେ। ନଭେମ୍ବର ୨୭ରୁ ନୂଆମୁଣ୍ଡିଠାରେ ଏହା ଅନୁଷ୍ଠିତ ହେବାକୁ ଥିବା ବେଳେ ରେଜିଷ୍ଟ୍ରେସନ ପ୍ରକ୍ରିୟା ନୂଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅଫ୍‌ଲାଇନରେ ଆରମ୍ଭ ହୋଇଯାଇଛି। ଅନ୍‌ଲାଇନ ଆବେଦନ ପାଇଁ ଏହାର ୱେବ୍‌ସାଇଟ ମଧ ଖୋଲାଯାଇଛି ବୋଲି ଓଏମକ୍ୟୁ ମୁଖ୍ୟ ଅତୁଲ ଭଟନାଗର ସୂଚନା ପ୍ରଦାନ କରିଛନ୍ତି।

## ୪ଦଫା ଦାବି ନେଇ ରେଳପଥ ଅବରୋଧ

ଭଦ୍ରକ ଅଫିସ, ୯।୧୧

୪ ଦଫା ଦାବି ନେଇ ବୁଧବାର ସର୍ବହରା ଚାଷୀ କମିଟି ପକ୍ଷରୁ ଧାମରା ରେଳପଥ ଅବରୋଧ କରାଯାଇଥିଲା। ଜମିହରା ପରିବାରକୁ ନିଯୁକ୍ତି ପ୍ରଦାନ, ଧାମରା ରେଳ ଲାଇନ ଏଲ୍‌ସି-୫୦ଠାରେ ଓଭର ବ୍ରିଜ ନିର୍ମାଣ, ଧାମରାରୁ ଆସୁଥିବା କୋଇଲା ବଗିକୁ କୋଇଲା ଗୁଣ୍ଡ ନ ଉଡ଼ିବା ପାଇଁ ଆବଦ୍ଧ କରାଯିବା, ସେରପୁର ଓ ସରଗଡ଼ିଆ ମୌଜାର ଜମିହରାମାନେ ପାଇଥିବା କ୍ଷତିପୂରଣ ହାରରେ କେଦାରପୁର, ଜିତାନଗା, ବ୍ରହ୍ମପୁର ଓ ତାରଗଣ ମୌଜାରେ ଜମିହରାମାନଙ୍କୁ କମ୍ପାନୀ କ୍ଷତିପୂରଣ ପ୍ରଦାନ ଦାବି ମଧ୍ୟରେ ରହିଛି। କମିଟି ସଭାପତି ଭାରତ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଚାଷୀ ଯୋଗଦେଇ ରେଳପଥ ବନ୍ଦ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଧାମରା ରେଳପଥକୁ ସମ୍ପୂର୍ଣ୍ଣ ଅଚଳ କରାଯିବ ବୋଲି କମିଟି ଚେତାବନୀ ଦେଇଛି।

## ହରଗୌରୀ ବେଶରେ ଦର୍ଶନ ଦେଲେ ବାବା ଆଖଣ୍ଡଳମଣି

ଆରଡ଼ି,୯।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ କାର୍ତ୍ତିକ ପୂର୍ଣ୍ଣମୀରେ ବାବା ଆଖଣ୍ଡଳମଣି ହରଗୌରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଚନ୍ଦ୍ରଗ୍ରହଣ ପାଇଁ ସନ୍ଧ୍ୟା ପରିବର୍ତ୍ତେ ରାତି ୯ଟାରେ ଏହି ବେଶ ଭକ୍ତମାନେ ଦେଖିଥିଲେ। ସନ୍ଧ୍ୟା ୬.୩୦ରେ ପହଡ଼ ଖୋଲାଯାଇ ମନ୍ଦିର ଶୌଚ କରାଗଲା ପରେ ବାବାଙ୍କୁ ମହାସ୍ନାନ କରାଯାଇଥିଲା। ପ୍ରଥମେ ଦିଗମ୍ବର, ପଞ୍ଚାନନ ଓ ଶେଷରେ ହରଗୌରୀ ବେଶରେ ମଣି ବାବାଙ୍କୁ ସଜ୍ଜିତ କରାଯାଇଥିଲା। ବିଧି ଅନୁସାରେ ପ୍ରଭୁଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ସମୟ ମଧ୍ୟରେ ନିୟମାନୁସାରେ ବାରମ୍ବାର ପହଡ଼ ପକାଯାଉଥିଲା। ଆଖପାଖ ବାରପଡ଼ା ଅଞ୍ଚଳର ଭକ୍ତମାନେ ପ୍ରଭୁଙ୍କର ହରଗୌରୀ ବେଶ ଦେଖିବାକୁ ସନ୍ଧ୍ୟାଠାରୁ ପ୍ରତୀକ୍ଷା କରିଥିଲେ। ବେଶ ଦର୍ଶନ ବେଳେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ଶୈବପୀଠ ଉତ୍ସବମୁଖର ହୋଇ ଉଠିଥିଲା। କଥିତ ଅଛି ଯେଉଁ ଯୁବତୀଯୁବକଙ୍କ ମାଙ୍ଗଳିକ ଦୋଷ ଯୋଗୁଁ ବିବାହ ହୋଇ ପାରୁନି ସେମାନେ ଏହି କାର୍ତ୍ତିକ ପୂର୍ଣ୍ଣିମାରେ ବାବା ଆଖଣ୍ଡଳମଣିଙ୍କ ହରଗୌରୀ ବେଶ ଦେଖିଲେ କିଛି ଦିନ ପରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଥାଏ। ବିଳମ୍ବରେ ବାବାଙ୍କର ଏହିବେଶ ସମ୍ପନ୍ନ ହୋଇଥିବାରୁ ଚଳିତ ବର୍ଷ ପୀଠରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇ ନ ଥିଲା ।


ବାବା ଆଖଣ୍ଡଳମଣିଙ୍କ ହରଗୌରୀ ବେଶ।

## ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଅଭିବୃଦ୍ଧି କରୁଛି 'ମହକ'

### ଜିଲାସ୍ତରୀୟ ଶିଶୁ ମହୋତ୍ସବ

ବାଲେଶ୍ୱର ଅଫିସ, ୯।୧୧

ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୨' ସ୍ଥାନୀୟ ଉତ୍କଳ ବାଳାଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗ ଦେଇଥିଲେ ।

ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ସାଙ୍ଗକୁ ଦୃଢ଼ ମନୋବଳ ସୃଷ୍ଟିରେ ଏହି 'ମହକ' ବେଶ୍ ସହାୟକ ହୋଇପାରିଛି ବୋଲି କହିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗିରଥୀ ବାରିକ, ସଦସ୍ୟ ପଦ୍ମଲୋଚନ ଦତ୍ତ ଓ ଗୌରୀମଣି ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଶିକ୍ଷାଗ୍ରହଣ ସାଙ୍ଗକୁ ଖେଳଖୁଦ ପ୍ରତି ସମସ୍ତେ ରୁଚି ରଖିବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଯୁବକ ମାଝି ଉତ୍ସବରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ସଂଯୁକ୍ତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ଏକକ ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉତ୍କଳ ବାଳାଶ୍ରମ ଓ ଅନ୍ୟାନ୍ୟ ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ମୁକ୍ତିକାନ୍ତ ପଣ୍ଡା, ସତ୍ୟରଞ୍ଜନ ସ୍ୱାଇଁ, ରଶ୍ମିରେଖା ସେନାପତି, ଦେବବନ୍ଧ୍ୟା ମହାପାତ୍ର, ରେମାଶ୍ରୀ ମହାନ୍ତି, ସୌମେନ୍ଦୁ ଗିରି ଓ ପୁଷ୍ପଲତା ଜେନା ପ୍ରମୁଖଙ୍କ ସମେତ ଚାଇଲ୍ଡଲାଇନ ଓ ସିସିଆଇ କର୍ମଚାରୀ ଏବଂ ବାଳାଶ୍ରମର ତତ୍ତ୍ୱାବଧାରକମାନେ ସହଯୋଗ କରିଥିଲେ।



ମହକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ଯତିନ୍


@ରବିନାରାୟଣ


@ଶଶିକାନ୍ତ


@ସତ୍ୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଅଟୋ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

କେନ୍ଦୁଝର/ଝୁମ୍ପୁରା,୯।୧୧ (ସ୍ୱ.ପ୍ର./ଡି.ଏନ.ଏ)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ଘଣ୍ଟିପଶି ଗ୍ରାମ ମୁଣ୍ଡାସାହି ନିକଟରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌ରେ ଠାକୁର ଦର୍ଶନ କରି ଫେରୁଥିବା ଦମ୍ପତିଙ୍କୁ ଡାଲାଅଟୋ ଧକ୍କା ଦେବା ଫଳରେ ସ୍ୱାମୀ ମୃତ୍ୟୁବରଣ କରିଛନ୍ତି। ସ୍ତ୍ରୀ ଗୁରୁତର ହୋଇ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ମୃତକ ହେଲେ ନିଶ୍ଚିନ୍ତପୁର ଗ୍ରାମର ଜଗନ୍ନାଥ ପଲେଇ (୪୫)। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଜଗନ୍ନାଥ ବୁଧବାର ପୂର୍ବାହ୍ନରେ ବାଇକ୍‌ଯୋଗେ ସ୍ତ୍ରୀ ରେଖାରାଣୀ ପଲେଇଙ୍କୁ ନେଇ ଚମ୍ପୁଆ ନିକଟସ୍ଥ ଏକ ମନ୍ଦିରକୁ ଯାଇଥିଲେ। ସେଠାରୁ ଠାକୁର ଦର୍ଶନ କରି ଫେରୁଥିବା ସମୟରେ କାଳିକା ପ୍ରସାଦସ୍ଥିତ ମୁଣ୍ଡାସାହି ନିକଟ ଏକ ବୁଲାଣି ରାସ୍ତାରେ ବାଉଁଶ ବୋଝେଇ (ଓଆର ୦୯ କେ/୨୫୧୬) ଅଟୋ ତାଙ୍କ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଅଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି ଯେ, ଦୁର୍ଘଟଣା ଘଟାଇଥିବା ଅଟୋ ଜବତ ହୋଇଛି। ଏ ନେଇ କେସ୍ ନଂ. ୧୩୧/୨୦୨୨ରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି।

## ଭୋଟର ତାଲିକା ସଂଶୋଧନ ସଚେତନତା ରଥ ଗଡ଼ିଲା

କେନ୍ଦୁଝର,୯।୧୧(ଡି.ଏନ୍.ଏ)

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୩ ସଂକ୍ରାନ୍ତରେ କେନ୍ଦୁଝର ଜିଲାରେ ବୁଧବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ନିମନ୍ତେ ସଚେତନତା ରଥକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଷମା ବିଲୁଙ୍ଗ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟୀ କଲେକ୍ଟର ନିର୍ବାଚନ କିରଣ ନାଏକ, ଡେପୁଟୀ କଲେକ୍ଟର ବସୁନ୍ଧରା ଭିତିରିଆ, ଫିରୋଜ ଖାନ ଓ ଅନିତା ନାଏକ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

